







# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍ଖୋର’

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍ଖୋର’ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।



# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।

## ଲାଭଦାୟକ ୱେବ୍ସାଇଟ୍



ଅନ୍ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍ସାଇଟ୍ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ସାଇଟ୍ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍ସାଇଟ୍ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।


**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଞ୍ଚାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




**ଭୁବନେଶ୍ୱର, ୨୦୨୩, ଡିସେମ୍ବର ୨୩**

# ପିକା ଡିଜଅର୍ଡ଼ର



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆପଣଙ୍କ ପିଲାଟି ତାର ବୟସ ବୃଦ୍ଧି ସହ ମାଟି, ଚକଖଡ଼ି ବା ତା ହାତରେ ଯାହା ପଡୁଛି ସେ ଏହାକୁ ପାଟିରେ ପୁରାଉଛି କି ? ପ୍ରାୟତଃ ମାଟି ଖାଇବାର ଅଭ୍ୟାସକୁ ପିଲାମାନଙ୍କ ଇଟିଙ୍ଗ ଡିଜଅର୍ଡ଼ର ବା ପିକା ଡିଜଅର୍ଡ଼ର କୁହାଯାଇଥାଏ। ପ୍ରାୟତଃ ଛୋଟ ପିଲା ଓ ଗର୍ଭବତୀ ମହିଳା ମାଟି କିମ୍ବା ଚକ ଖାଇବାକୁ ଭଲ ପାଆନ୍ତି। ଶରୀରରେ ବ୍ଲଡ଼, ଆଇରନ, ଜିଙ୍କ ସମେତ ଅନ୍ୟାନ୍ୟ ପୋଷାକ ତତ୍ତ୍ୱର ଅଭାବ ଦେଖାଗଲେ ଗର୍ଭବତୀମାନେ ମଧ୍ୟ ଏପରି ବ୍ୟବହାର କରିଥାନ୍ତି। ହେଲେ ପ୍ରାୟ ସମୟ ମାଟି ଖାଇବାର ଲଗାତର ଏହି ଅଭ୍ୟାସ ଇଟିଙ୍ଗ ଡିଜଅର୍ଡ଼ର ପ୍ରମୁଖ କାରଣ ହୋଇପାରେ। ଏହି ଅଭ୍ୟାସକୁ ଡାକ୍ତରୀ ଭାଷାରେ ପିକା ଡିଜଅର୍ଡ଼ର କୁହାଯାଏ। ତେବେ ପରବର୍ତ୍ତୀ ସମୟରେ ପିଲାଟିର ପେଟ ସମସ୍ୟା ଅଧିକ ଭାବରେ ଦେଖାଦେଇଥାଏ, ଯାହାର ପ୍ରଭାବରେ ପିଲାଟିର ଶାରୀରିକ ଅଭିବୃଦ୍ଧି ବାଧକ ପ୍ରାପ୍ତ ମଧ୍ୟ ହୋଇଥାଏ ଏବଂ ତାକୁ ସଠିକ ସମୟରେ ଭୋକ ଲାଗିନଥାଏ, ଖାଦ୍ୟ ହଜମ ହୋଇନଥାଏ ଏବଂ କେତେକ କ୍ଷେତ୍ରରେ ପେଟ ମଧ୍ୟ ଫୁଲିଯାଏ। ପିକା ଡ଼ିଜଅର୍ଡ଼ର ଯୋଗୁ ପିଲାଟିର ଅନ୍ତଃନଳୀରେ କୃମି ସହ ଅନ୍ୟାନ୍ୟ ବାହାର ବ୍ୟାକ୍ଟେରିଆ ବଢ଼ିଯାଆନ୍ତି ଯାହାଫଳରେ ପିଲାଟିର ଭୋକ କମିଯାଏ ଓ ସେ ଅସହ୍ୟ ପେଟ ଯନ୍ତ୍ରଣା ସହ ପେଟ ଫୁଲିବା ମଧ୍ୟ ଦେଖାଦେଇଥାଏ। ମାଟି, ଚକ ବ୍ୟତୀତ ଏହି ରୋଗରେ ପୀଡ଼ିତ ପିଲାଟି ଘରର ଏପରି କିଛି ଜିନିଷ ଯାହାକି ତାହା ହାତପାହାନ୍ତାରେ ପଡ଼ିଥାଏ ଯଥା ଅଠା ହେଉ ବା କାଗଜପତ୍ର, ସାବୁନ ହେଉ ବା କେଶ, ପିନକଣ୍ଟା, ସିଗାରେଟ ଓ ନିଜ ନଖ ମଧ୍ୟ କାମୁଡ଼ନ୍ତି। ବିଶେଷକରି ଛଅ ବର୍ଷର ପିଲାଙ୍କ ଠାରେ ଏହି ରୋଗ ଅଧିକ ଦେଖାଦିଏ। ଏହାସହ କୌଣସି ମାନସିକ ରୋଗରେ ଆକ୍ରାନ୍ତ ଥିବା ଅଟିଜିମ ସ୍ପେକ୍ଟ୍ରମ, ସିଜୋଫ୍ରେନିଆ, ଇଣ୍ଟେଲେକ୍ଚୁଆଲ ଡିଜାବିଲିଟି ସମସ୍ୟା ଥିଲେ ସେମାନଙ୍କର ଏହି ଅଭ୍ୟାସ ମଧ୍ୟ ଦେଖାଯାଏ। ଏହାର ପ୍ରମୁଖ ଲକ୍ଷଣରେ ପିଲାଟିର ପେଟ ସାମାନ୍ୟ ଯନ୍ତ୍ରଣାରୁ ଆରମ୍ଭ ହୋଇ ପରେ ଏହି ଯନ୍ତ୍ରଣା ଅତ୍ୟଧିକ ହୋଇଥାଏ ଏବଂ ପିଲାଟି ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼େ। ଶିଶୁରୋଗ ବିଶେଷଜ୍ଞ ଉପଯୁକ୍ତ ମନେକଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ଦରକାର ପଡ଼ିଥାଏ। ପ୍ରାଥମିକ ଅବସ୍ଥାରୁ ପିଲାଟି ଠାରେ ଏହି ରୋଗର ଲକ୍ଷଣ ପ୍ରାୟତଃ ଜଣାପଡ଼ିନଥାଏ। ତେବେ ପିଲାଟିର ରକ୍ତ ପରୀକ୍ଷା, ୟୁରିନ ପରୀକ୍ଷା, ଷ୍ଟୁଲ ପରୀକ୍ଷା ଓ ଏକ୍ସରେ ରିପୋର୍ଟକୁ ଅନୁଧ୍ୟାନ କଲାପରେ ଡାକ୍ତର ଏହାର ଚିକିତ୍ସା ଆରମ୍ଭ କରିଥାନ୍ତି। କେତେକ କ୍ଷେତ୍ରରେ ଶିଶୁରୋଗ ବିଶେଷଜ୍ଞ ପିଲାଟିକୁ ଆଇରନଯୁକ୍ତ ଫଳ ଓ ପରିବା ଖାଇବା ଲାଗି ପରାମର୍ଶ ଦେଇଥାନ୍ତି। ପିଲାଟିକୁ ଶାଗ, ଡାଲି, କଦଳୀ, କଖାରୁମଞ୍ଜି, ଆଳମଣ୍ଡ, ମଟର, ଅଣ୍ଡା, ତରଭୁଜ ଆଦି ଖାଇବାକୁ ଦିଅନ୍ତି। ପାଚିଲା କଦଳୀ ମଧ୍ୟ ପିଲାଟିକୁ ଦିଅନ୍ତି। ଏଥିରେ ପ୍ରଚୁର ଆଇରନ ଓ ଫାଇବର ରହିଥାଏ। ଏହା ପିଲାଟିର ପେଟ ପୂରଣ କରିବା ସହ ପେଟ ଜ୍ୱଳନ ହ୍ରାସ କରିଥାଏ। ପିଲାମାନେ ପିକା ଡିଜଅର୍ଡ଼ର ସମସ୍ୟାର ସମ୍ମୁଖୀନ ହେଲେ ଏହାକୁ ନେଇ ସେପରି ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ଅବସ୍ଥାରୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଆରୋଗ୍ୟ ସାଧ୍ୟ ହୋଇପାରିବ। ଏହା ସେପରି ଏକ ବଡ଼ ରୋଗ ମଧ୍ୟ ନୁହେଁ। ତେବେ ପିଲାଟି ଆପଣଙ୍କ ଘରେ ଛୋଟ ପିଲା ଚଳପ୍ରଚଳ କରୁଥିଲେ ପିଲାଟିର ପରିବେଶକୁ ସଫାସୁତୁରା ଓ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘରର ହାତ ପାହାନ୍ତାର ଛୋଟମୋଟ ଜିନିଷ ଏଣେତେଣେ ପକାନ୍ତୁ ନାହିଁ। ଘରେ କୌଣସି ମାଟି ଜାତୀୟ ଜିନିଷ ବା ବିଷାକ୍ତ ପଦାର୍ଥ, ପୁରୁଣା ଔଷଧ ବା କୀଟନାଶକ ଔଷଧ ବା କୌଣସି ବିଷାକ୍ତ ପଦାର୍ଥ ପିଲାଟିର ହାତ ପାହାନ୍ତାରେ ରଖନ୍ତୁ ନାହିଁ। ପିଲାଟିକୁ ଚାଲିବା ବୁଲିବା ବେଳେ ପରିବାର ଲୋକ ନିଜ ନଜରରେ ରଖନ୍ତୁ। କାରଣ ପିଲାଟି ମାଟି ବଦଳରେ କୌଣସି ବିଷାକ୍ତ ଜିନିଷର ସଂସ୍ପର୍ଶରେ ଚାଲିଆସିଲେ ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ପିଲାଟି ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। ପିଲାଟି ଯେପରି ସଠିକ ସମୟରେ ଖାଇବ ଓ ବିଶ୍ରାମ ନେବ ଏହା ସହ ତାର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିବ ସେ ଦିଗକୁ ଦେଖନ୍ତୁ। ପିଲାଟିକୁ ସବୁବେଳେ ସଫା ସୁତୁରା ଡ୍ରେସ ପିନ୍ଧିବାକୁ ଦିଅନ୍ତୁ ଏବଂ ଫୁଟାପାଣିକୁ ଥଣ୍ଡା କରି ପିଲାକୁ ପିଇବା ପାଇଁ ଦିଅନ୍ତୁ, ବାହାରର ଡବା ଖାଦ୍ୟ ଅପେକ୍ଷା ଘରୋଇ ଖାଦ୍ୟ ତାକୁ ଦିଅନ୍ତୁ। ଘର ବାହାରେ ବାହାର ପିଲାଙ୍କ ସହ ଖୋଲାମେଲାରେ ଖେଳିବା ପାଇଁ ଛାଡୁଥିଲେ ପିଲାଟିର ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଛି କି ନାହିଁ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ଇଟିଙ୍ଗ ଡିଜଅର୍ଡ଼ର ଏକ ସେପରି ବଡ଼ ରୋଗ ନୁହେଁ। ପ୍ରାଥମିକ ଅବସ୍ଥାରୁ ପିଲାଟିର ଚିକିତ୍ସା ଆରମ୍ଭ କଲେ ପିଲାଟି ଆରୋଗ୍ୟ ହୋଇପାରିବ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ନାଟ୍ୟସାରଥି ଅଭୟ କୁମାର ଦାସ

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଆଧୁନିକ ଓଡ଼ିଆ ସାହିତ୍ୟର ନାଟକ ଯୁଗର ପ୍ରବର୍ତ୍ତକ ରୂପେ ପରିଚିତ ହେଲେ ମଧ୍ୟ ତାଙ୍କର ଅମର ଲେଖନୀ ଗଳ୍ପ, ଉପନ୍ୟାସ, କବିତା, ଶିଶୁସାହିତ୍ୟ, ସଙ୍ଗୀତ, କାବ୍ୟନାଟିକା ଆଦି ସମସ୍ତ ବିଭାଗକୁ ଋଦ୍ଧିମନ୍ତ କରି କବିଚନ୍ଦ୍ର ଉପାଧିର ଯଥାର୍ଥତା ପ୍ରତିପାଦନ କରିଛି । ଓଡ଼ିଶା ସଙ୍ଗୀତ, ସାହିତ୍ୟ ଓ ନାଟକର ଅନ୍ୟତମ ଶ୍ରେଷ୍ଠତ୍ୱ ବହୁବିଦ୍ଧ ମହାନ ବ୍ୟକ୍ତିତ୍ୱ ଥିଲେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ। ୧୮୯୭ରୁ ୧୯୭୫ ଯାଏଁ ଓଡ଼ିଆ ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସ। ତାଙ୍କର ସଙ୍ଗୀତ ନାଟକ ଯୋଗୁଁସେ ଓଡ଼ିଆ ଲୋକଙ୍କର, ଓଡ଼ିଆ ଦେଶର ବାହ୍ୟ ଶରୀର କି ମନ ପ୍ରାଣ ନୁହନ୍ତି, ଆନନ୍ଦମୟ ଆତ୍ମା ସହ ମିଶି ଯାଇଛନ୍ତି ଯେପରି। ସେଥିପାଇଁ ସେ ଏତେ ଆଦୃତ, ଏତେ ଜନପ୍ରିୟ। ଭଞ୍ଜଙ୍କୁ ଉପଲକ୍ଷ୍ୟ କରି ପୁଣ୍ୟଶ୍ଳୋକ ଗୋପବନ୍ଧୁ ଯାହା ଲେଖିଥିଲେ ତାହା ଏ ଯୁଗରେ କାଳୀବାବୁଙ୍କ ପାଇଁ ମଧ୍ୟ ପ୍ରଯୋଜ୍ୟ। 'ଗାଏ ତୁମ୍ଭ ଗୀତ, ସଭାରେ ପଣ୍ଡିତ, ପଥେ ପାନ୍ଥହୃଷ୍ଟମନା। ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା, ନୃତ୍ୟ ରଙ୍ଗେ ବାରାଙ୍ଗନା'। ତାଙ୍କର ଆତ୍ମ ଜୀବନୀ 'କୁମ୍ଭାର ଚକ' କେବଳ ବ୍ୟକ୍ତିବିଶେଷ କାଳୀଚରଣଙ୍କର ଜୀବନୀ ନୁହେଁ, ଓଡ଼ିଶା ସାହିତ୍ୟ, ସଙ୍ଗୀତ, ନାଟକର ସଂଗ୍ରହଣୀୟ ଦସ୍ତାବିଜ। ଓଡ଼ିଆ ନାଟ୍ୟ ସାହିତ୍ୟର ଏହି ସଂସ୍କୃତି ପୁରୁଷ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବଡ଼ମ୍ବାଗଡ଼ ଠାରେ ଜନ୍ମ ନେଇଥିଲେ । ମାତ୍ର ୨୨ ବର୍ଷ ବୟସରେ ପିତାଙ୍କ ମୃତ୍ୟୁ ଯୋଗୁଁତାଙ୍କର ପାଠପଢ଼ା ଅଧାରୁ ବନ୍ଦ ହୋଇଗଲା । ଏହାପରେ ସେ ତାଙ୍କର ପରବର୍ତ୍ତୀ ଜୀବନ ନାଟକ ଜଗତକୁ ସମର୍ପଣ କରିଦେଇଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କାଳୀଚରଣ ପ୍ରଥମେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳିବିଶାରଦଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଞ୍ଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ତୁଙ୍ଗଦେଶକୁ ସ୍ପର୍ଶ କଲା । ୧୯୧୮ ମସିହାରେ ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି । ଏତଦ୍ ବ୍ୟତୀତ ୧୯୨୯ ମସିହାରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ଗଠନ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି ନିମନ୍ତେ ତାଙ୍କର ମହାର୍ଘ ଦାନ । ସଙ୍ଗୀତ କ୍ଷେତ୍ରରେ ତାଙ୍କର ପ୍ରଚଣ୍ଡ ପ୍ରତିଭା ବଳରେ ଗଜପତି ରାମଚନ୍ଦ୍ର ଦେବଙ୍କର ରାଜ ଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଂକୃତ କରିଥିବା କାଳୀଚରଣ ଗଜପତିଙ୍କ ଦ୍ୱାରା ୧୯୨୭ ମସିହା ସୁନିଆଁ ଦିନ କବିଚନ୍ଦ୍ର ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞା ଦେଇଥିଲେ । ଏହାପରେ ୧୯୪୪ ମସିହାରେ 'ଉତ୍କଳ ସାହିତ୍ୟ ସମାଜ' ଦ୍ୱାରା 'ନାଟ୍ୟାଚାର୍ଯ୍ୟ', ୧୯୭୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' (ପ୍ରତ୍ୟାଖ୍ୟାତ), କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ସମ୍ମାନଜନକ ଫେଲୋସିପ୍, ୧୯୭୦ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଡି.ଲିଟ୍ ଉପାଧି ଓ ୧୯୭୭ ମସିହାରେ ଆତ୍ମଜୀବନୀ ଗ୍ରନ୍ଥ – କୁମ୍ଭାର ଚକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ମଧ୍ୟ ଏସବୁ ଓଡ଼ିଆ ଜାତି, ସଂସ୍କୃତି ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ତୁଳନାରେ ନଗଣ୍ୟ । ରୀତିଯୁଗୀୟ ରଚନାଶୈଳୀକୁ ସ୍ୱୀୟ କଳାକୁଶଳତାର ପ୍ରଲେପ ଦେଇ ଏକ ନୂତନ ଓ ବାସ୍ତବବାଦୀ ନାଟ୍ୟପ୍ରବାହର ଧାରା ସୃଷ୍ଟି କରିଥିବା କାଳୀଚରଣ ଶେଷରେ ନିଃସହାୟ ଭାବେ ୧୯୭୮ ମସିହା ଜୁଲାଇ ୨୪ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

# ନମସ୍ତେ ନମସ୍ତେ ମା'ଗୋ କମଳା ଦୁଲଣୀ



ଅନୁପମା ଭୂୟାଁ

ମାର୍ଗଶୀର ମାସରେ ପଡୁଥିବା ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କ ଠାରୁ ବାରି ହୋଇପଡ଼େ । ଏମିତି କେଉଁଠି କରୁଣା ତ କେଉଁଠି କଠୋରତାର ସୁନ୍ଦର କାହାଣୀ, ମଣିଷର ଜୀବନ କାହାଣୀ କହେ ମାର୍ଗଶୀର ମାସ ଗୁରୁବାର ପର୍ବ । ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ଖାଣ୍ଟି ଓଡ଼ିଆ ପର୍ବ ମାର୍ଗଶୀର ଗୁରୁବାର ବା ମାଣବସା ଗୁରୁବାର ଓଷା । ମାଣବସା ଗୁରୁବାର ଓଡ଼ିଶାର ଓ ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ପର୍ବ । ଏଥିରେ ଝୋଟି, ଧାନଶିଖା, ଆଙ୍ଗୁଠି ଚିତା ଯେଉଁଭଳି ଓଡ଼ିଆଙ୍କର ନିଜସ୍ୱ, ଏଥିରେ ପିଠାପଣା, ପୂଜା ସବୁ ଓଡ଼ିଆଙ୍କର ଓଡ଼ିଆ ଜାତିର ପୂର୍ବ ସମୃଦ୍ଧି, ପୂର୍ବ ବଡ଼ିମାର ନିଦର୍ଶନ । ଏ ପୂଜାରେ ଜାତି ଅଜାତି ନାହିଁ । ବ୍ରାହ୍ମଣଠାରୁ ଚଣ୍ଡାଳ ଯାଏ ସବୁ ଓଡ଼ିଆ ଘରେ ଏ ପର୍ବ ପାଳନ କରାଯାଏ । ମହାଲକ୍ଷ୍ମୀଙ୍କର ପୂଜା ପ୍ରତ୍ୟେକ ହିନ୍ଦୁ ଘରରେ କରାଯାଏ । ମା' ମହାଲକ୍ଷ୍ମୀ ଭାରତର ଅନ୍ୟସ୍ଥାନ ମାନଙ୍କରେ କେବଳ ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା ହେଉଥିଲେ ମଧ୍ୟ ଓଡ଼ିଶାରେ ଓଡ଼ିଆମାନଙ୍କର ମାଣବସା ଗୁରୁବାର ପୂଜା କେବଳ ଧନଧାନ୍ୟର କଥା କହେ ନାହିଁ ବରଂ ଏହାକୁ ପ୍ରାପ୍ତ କରିବା ପାଇଁ ଆବଶ୍ୟକ ହେଉଥିବା ନିଷ୍ଠାକୁ ବି ନିଖୁଣ ଭାବେ ବର୍ଣ୍ଣନା କରେ । ସାମାଜିକ ଜୀବନରେ ଜାତି ଜାତି ମଧ୍ୟରେ ଥିବା ଫରକ ଭଗବତ ଆରାଧନା ନିତକଟରେ ତୁଚ୍ଛ ବୋଲି ଏହା ପ୍ରମାଣିତ କରେ । ଖାଲି ସେତିକି ନୁହେଁ ଏହି ପର୍ବ ଅନୁଶାସନର ପରିଧି ମଧ୍ୟରୁ ମହାପ୍ରଭୁ ବି ବାଦ ନୁହଁନ୍ତି ବୋଲି ପ୍ରମାଣିତ କରେ । ଲକ୍ଷ୍ମୀ ପୂଜା ସାରା ଭାରତର ହିନ୍ଦୁ ସମାଜରେ ପ୍ରଚଳିତ । ମାଣବସା ମଧ୍ୟ ଅନ୍ୟ ଅନ୍ୟ ପ୍ରଦେଶରେ ପ୍ରଚଳିତ ଅଛି । କିନ୍ତୁ ଆମ ମାର୍ଗଶୀର ମାସ ଗୁରୁବାର ମାଣବସା, ଭଳି ଚାରି ବା ପାଞ୍ଚ ପାଳି ମାଣବସା ଓଡ଼ିଆଙ୍କ ବ୍ୟତୀତ ଅନ୍ୟ କେଉଁଠି ହୁଏ ନାହିଁ ।

ଏହି ମାଣବସା ଭୋଗ ଆମ ଓଡ଼ିଆଙ୍କର ନିଜସ୍ୱ ରାନ୍ଧଣାର ନିଦର୍ଶନ । ଓଡ଼ିଆଙ୍କ ଭଜା, ରାଇ, ଆମ୍ବିଳ, ଶାକର, କଖାରୁ, ମଧୁରୁଚି, ଦହିପଖାଳ, ମୂଳା ଶାଗ, ରାଇ ସୋରିଷ ଶାଗ ରାଇ, ଚିତଉ, ଚକୁଳି, ଖିରିସା ପାଣି, ବିରି ଗେଟେଇ, ଅଟକାଳି, ସରପୁଳି, ଦୁଧପୁଳି, ବଡ଼ି ପକା ମହୁର, ବେସର, ନଡ଼ିଆ ବଡ଼ିପକା ଶାଗ, କର୍ପୂର ମରିଚ ପକା ଛେନା, ନଡ଼ିଆ ଚକଟା କାକରା ପିଠା, ଆରିସା ପିଠା, ମୁଗ ପୁଳି, ମୁଗ କାନ୍ତି ଏଭଳି ରାନ୍ଧଣା ଓଡ଼ିଆଙ୍କ ଘର ଛଡ଼ା ଅନ୍ୟ ଆଡ଼େ ହୁଏ ନାହିଁ । ଘରୋଇ ପରିବେଶରେ ଜଣେ ଗୃହିଣୀ ଯେପରି ରାନ୍ଧିବାଡ଼ି ଘରଦ୍ୱାର ସଫା ସୁତୁରା ରଖି ଚଳିବା କଥା, ସେଇ ପରିବେଶ ସେଇ ରୂପରେ ଲକ୍ଷ୍ମୀଙ୍କୁ କଳନା କରାଯାଇଛି । ଘରମାନଙ୍କରେ ସାମାନ୍ୟ ତ୍ରୁଟି ବିଚ୍ୟୁତି ଘଟିଲେ ବୟସ୍କା ମହିଳାମାନେ ଲକ୍ଷ୍ମୀଛାଡ଼ି ଅଲକ୍ଷଣୀ ବୋଲି ଗାଳି କରନ୍ତି । ତେଣୁ ଧନଧାନ୍ୟ ସ୍ନେହ ବାତ୍ସଲ୍ୟ, ଦୟା କ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇଛି । ଘରର ଶ୍ରୀ ସମୃଦ୍ଧି ପରିଷ୍କାର ପରିଚ୍ଛନ୍ନତା ହେଉଛି ଲକ୍ଷ୍ମୀବ୍ରତର ପ୍ରଧାନ ବୈଶିଷ୍ଟ । ମାର୍ଗଶୀର ମାସ ଆସିବା ମାତ୍ରେ ସହର ମଫସଲ ସର୍ବତ୍ର ସ୍ତ୍ରୀମାନଙ୍କ ଭିତରେ ଗୋଟାଏ ଚହଳ ସୃଷ୍ଟି ହୁଏ । ସହରରେ ବେଶୀ ମାଟି ଘର ନାହିଁ । ସିମେଣ୍ଟ ଘରେ ବୁଧବାର ଦିନ ଧୋଇ ପୋଛି ଚିତା ଲେଖାଯାଏ । କିନ୍ତୁ ଗାଁ ଗହଳରେ ସ୍ତ୍ରୀଲୋକମାନେ ମାଟି ଗୋବରରେ ଘରଦ୍ୱା, କାନ୍ଥବାଡ଼ ଲିପା ପୋଛା କରନ୍ତି । ଅରୁଆ ଚାଉଳ ବଟା ପିଠଉ, ଢ଼ାଉ ହଳଦିଆ ମାଟି ସଂଗ୍ରହ କରି କେତେ ରଙ୍ଗରେ ହାତି, ମୟୂର, ଓଲଟ ଶୁଆ, ଧାନଶିଖା ଜାତି ଜାତିକା ଆଙ୍ଗୁଠି ଚିତାମାନ ଲେଖନ୍ତି । ଦେଖିଲେ ଆଖି ଲାଖିରହେ । ମାର୍ଗଶୀର ମାସରେ ପଡୁଥିବା ଚାରି କି ପାଞ୍ଚ ପାଳି ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କଠାରୁ ବାରି ହୋଇପଡ଼େ । ଏଥି ସହିତ ସମାଜରେ ଏବଂ ପୁରୁଷଙ୍କ ଜୀବନରେ ନାରୀଙ୍କ ଭୂମିକା ବି ବର୍ଣ୍ଣନା କରାଯାଇଛି ଅତ୍ୟନ୍ତ ନିଛକ ଭାବେ । ଘରଣୀ ହେଉଛି ଘର । ଘରଣୀ ବିନା ଘରର କଳ୍ପନା କରାଯାଇ ପାରେ ନାହିଁ । ଏପରି କି ଘରଣୀ ବିନା ମହାପ୍ରଭୁ ଜଗନ୍ନାଥ ମଧ୍ୟ ବାର ଦୁଆର ବୁଲି ଭିକ ମାଗିବାକୁ କିଭଳି ବାଧ ହେଇଛନ୍ତି ତାହା ଏହି ପୁରାଣରେ ବର୍ଣ୍ଣନା କରାଯାଇଛି । ଜାତି, ଅଜାତି, ଗୋରା, କଳା ବର୍ଣ୍ଣ ଭେଦରେ ଯେଉଁ ସମାଜ ଆଜି ନଷ୍ଟଭ୍ରଷ୍ଟ, ଜଗନ୍ନାଥ ସଂସ୍କୃତିର ଉଚ୍ଚ ଆଦର୍ଶ ଲକ୍ଷ୍ମୀ ପୁରାଣରେ ପ୍ରକଟିତ ହୋଇଛି । ଏ ବ୍ରତରେ ଜାତି ଭେଦ ନାହିଁ । ସ୍ୱୟଂ ମହାଲକ୍ଷ୍ମୀ ବ୍ରାହ୍ମଣଠାରୁ ଚଣ୍ଡାଳଯାଏଁ ଦ୍ୱାରେ ଦ୍ୱାରେ ବୁଲିଛନ୍ତି । ଯେଉଁଠି ନିଷ୍ଠା ପବିତ୍ରତା ଦେଖିଛନ୍ତି ସେଇଠି ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରିଛନ୍ତି । ଅନ୍ୟ ଦୃଷ୍ଟି କୋଣରୁ ଦେଖିଲେ କର୍ତ୍ତବ୍ୟନିଷ୍ଠା ପରିଶ୍ରମ ହିଁ ଜୀବନକୁ ଯଶ, ଗୌରବ, ଧନରତ୍ନ, ଶ୍ରୀ ସମୃଦ୍ଧିରେ ମଣ୍ଡିତ କରେ ଏହି ସୂଚନା ବାଣ୍ଟେ ଓଡ଼ିଆର ମାଣବସା ଗୁରୁବାର । ମାଣବସା ଗୁରୁବାର ପୁରାଣ ଯେତିକି ଚିତାକର୍ଷକ ସେତିକ ଶିକ୍ଷଣୀୟ ।

***'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ***

# ଭ୍ରାନ୍ତି ଓ ଶାନ୍ତି : ଦିବ୍ୟ ଶାନ୍ତିର ପଥିକ



ଅଲେଖ ଚନ୍ଦ୍ର ସାମଲ

ପ୍ରତିଦିନର ଏକ ସାଧାରଣ ଜୀବନକୁ ଦେଖନ୍ତୁ। ଆମେ ଅନେକ ସମୟରେ ଶାନ୍ତିକୁ ପ୍ରାପ୍ତ କରିପାରିନଥାଉ। କାରଣ ଆମ ଭିତରେ ଭ୍ରାନ୍ତି ଏପରି ବଦ୍ଧ ଭାବେ ବିବେକକୁ କରାୟତ୍ତ କରିଥାଏ ଯେ ଆମେ ଈଶ୍ୱର ଉପଲବ୍ଧି ହୋଇ ଶାନ୍ତି ପାଇଁ ଧାବମାନ ହୋଇପାରି ନଥାଉ। ଆମେ ଜଣେ ଈଶ୍ୱରଙ୍କ ଆଶ୍ରିତ ଏବଂ ଭଗବାନଙ୍କ ସୃଷ୍ଟିରେ ଆମେ ପ୍ରତିଟି ମଣିଷ ଜଣେ ଜଣେ ଅମୃତ ସନ୍ତାନ। ଏହି ଭ୍ରାନ୍ତି ଓ ଶାନ୍ତି ପ୍ରସଙ୍ଗରେ ଭଗବାନ ଗୌତମ ବୁଦ୍ଧଙ୍କ ଆଧ୍ୟାତ୍ମିକ ଜୀବନର ଏକ ଛୋଟିଆ ଘଟଣାଟି ମନେପଡୁଛି। ଏହି ଘଟଣାଟି ଅନେକ ବର୍ଷ ତଳେ ମୁଁ ପଢ଼ିଥିବା ଏକ ଲେଖନୀ, ଯେଉଁଥିରେ ମୋତେ ଏକ ଚେତନା ପ୍ରାପ୍ତ ହୋଇଛି ଯେ ଅଶାନ୍ତମୟ ମନ ଭିତରେ ସତ୍ୟର ଉପଲବ୍ଧି ନ ରହିଲେ ଏହା ଆମ ଭିତରେ ଭ୍ରାନ୍ତି ସୃଷ୍ଟି କରି ଶାନ୍ତି ପାଇଁ ବାଧକ ହୋଇଥାଏ। ସିଦ୍ଧପ୍ରାପ୍ତ ହେବାପରେ ସିଦ୍ଧାର୍ଥ ଥରେ ଅନୁଗତ ତଥା ଶିଷ୍ୟମାନଙ୍କୁ କହିଲେ, 'ସଂସାର ପଥରେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଅନେକ ସମୟରେ ଏମିତି ହୋଇଥାଏ, ତୁମ୍ଭମାନଙ୍କ ମନରେ ଗୋଟିଏ ଭୁଲ ଧାରଣା ଯଦି ଦୃଢ଼ଭାବେ ରହିଥାଏ, ତେବେ ମନ ସତ୍ୟକୁ ତା ଭିତରକୁ ପ୍ରବେଶ କରିବାକୁ ଦିଏନାହିଁ। ସତ୍ୟ ଆଘାତପ୍ରାପ୍ତ ହୋଇ ବିଦାୟ ନେଇଯାଏ। ସତ୍ୟ ନ ରହିଲେ ଶାନ୍ତି ମନରେ ରହେନାହିଁ। ମନ ଅଶାନ୍ତ ହୋଇ ଦୁଃଖକଷ୍ଟ ପାଇଥାଏ। ନିଜର ଏ କଥାଟିକୁ ବୁଝାଇବାକୁ ଯାଇ ବୁଦ୍ଧଦେବ ଗଳ୍ପଟିଏ କହିଥିଲେ।ଗୋଟିଏ ଜନପଦରେ ବ୍ୟବସାୟୀଟିଏ ରହୁଥିଲା। ତା'ସହିତ ତା'ର ଛୋଟ ପୁଅଟିଏ ରହୁଥିଲା। ଦିନକର କଥା। ବ୍ୟବସାୟୀ କାର୍ଯ୍ୟୋପଲକ୍ଷେ ବାହାରକୁ ଯାଇଥିଲା। ଡକାୟତମାନେ ଏ ସୁବିଧା ଉଣ୍ଡି ବ୍ୟବସାୟୀଙ୍କ ଘରେ ପହଞ୍ଚି ଲୁଟ୍ କଲାପରେ ତା' ଘରେ ନିଆଁ ଲଗାଇ ଦେଲେ ଓ ପରେ ପରେ ସାରା ଗାଁରେ ମଧ୍ୟ ନିଆଁ ଲଗାଇ ଦେଲେ। ଗାଁ ସାରା ଜଳି ପାଉଁଶ ହୋଇଗଲା। ଡକାୟତମାନେ ବ୍ୟବସାୟୀଙ୍କ ଛୋଟ ପୁଅଟିକୁ ସାଙ୍ଗରେ ନେଇ ଚାଲିଗଲେ। ବ୍ୟବସାୟୀ ଘରକୁ ଫେରି ସାରା ଗାଁ ଓ ନିଜ ଘରର ଅବସ୍ଥା ଦେଖି ମୁଣ୍ଡରେ ହାତ ଦେଇ ବସିପଡ଼ିଲା। ତା'ର ସବୁ ଉଜୁଡ଼ିଗଲା ବୋଲି ମନ ଦୁଃଖ କଲା। ନିଆଁରେ ତା'ପୁଅଟି ମଧ୍ୟ ପୋଡି ପାଉଁଶ ହୋଇଗଲା ବୋଲି ଦୃଢ଼ ନିଶ୍ଚିତ ହୋଇଗଲା। ଦିନ ଗଡ଼ି ଚାଲିଲା। କିଛିବର୍ଷ ପରେ ବ୍ୟବସାୟୀ ତା'ପୁରୁଣା ଘର ଜାଗାରେ ଗୋଟିଏ ସୁନ୍ଦର ନୂଆ ଘର କଲା। ଡକାୟତମାନେ ତା'ର ଯେଉଁ ପୁଅଟିକୁ ନେଇ ଯାଇଥିଲେ, ସେ ପୁଅଟି ଦିନେ ଡକାୟତଙ୍କ କବଳରୁ କୌଶଳକ୍ରମେ ଖସି ଆସିଲା। ଲୁଚି ଲୁଚି ଆସି ସେ ରାତି ଅଧରେ ବ୍ୟବସାୟୀର ନୂଆ ଘରେ ପହଞ୍ଚି କବାଟ ବାଡ଼େଇଲା। ମାତ୍ର ବ୍ୟବସାୟୀ କବାଟ ଖୋଲିଲାନି। ସେ ଭାବିଲା ନିଶ୍ଚୟ ଡକାୟତ ଆସିଛନ୍ତି। ପୁଅ କିନ୍ତୁ କହି ଚାଲିଥାଏ 'ବାପା, କବାଟ ଖୋଲ। ମୁଁ ତମ ପୁଅ ଆସିଛି।' ଭିତରୁ ଉତ୍ତର ମିଳିଲା, ତୁ ଗୋଟାଏ ଡକାୟତ। ମୁଁ କେବେ କବାଟ ଖୋଲିବି ନାହିଁ। ତୁ ଏଠାରୁ ପଳା। ପୁଅ ବାରମ୍ବାର ବିକଳ ହୋଇ ବାପାକୁ ନିଜ ପରିଚୟ ଦେଇ କବାଟ ଖୋଲିବାକୁ ଯେତେ କହିଲେ ବି ବାପା କବାଟ ଖୋଲିଲାନି। ଶେଷରେ ନିରାଶ ହୋଇ ପୁଅଟି ଫେରିଗଲା।ଗଳ୍ପଟି କହିସାରି ବୁଦ୍ଧ ଦେବ କହିଲେ ଦେଖିଲ ତ ମନରେ ଭ୍ରାନ୍ତ ଧାରଣା ବସା ବାନ୍ଧିଲେ ସତ୍ୟ ମଧ୍ୟ ଦୂରେଇ ଯାଏ ଓ ସେଇ ସତ୍ୟ ସହିତ ମନର ଶାନ୍ତି ମଧ୍ୟ ଦୂରେଇ ଯାଇଥାଏ। ତେଣୁ ମନରେ କୌଣସି ଭ୍ରାନ୍ତ ଧାରଣାକୁ ପ୍ରଶ୍ରୟ ନ ଦେବାକୁ ବୁଦ୍ଧଦେବ ସେଦିନ ଶିଷ୍ୟମାନଙ୍କୁ ଉପଦେଶ ଦେଇଥିଲେ। ପ୍ରତିଟି ଜୀବନରେ ଆମେ ଅନେକ ଜଟିଳତମ କ୍ଷେତ୍ରକୁ ଉପଲବ୍ଧି କରୁ। ନିତିଦିନିଆ ଜୀବନରେ ଅନେକ ଘଟଣା ଆମକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ। ଆମେ ଈଶ୍ୱରଙ୍କ ପ୍ରଦତ୍ତ ରାସ୍ତାରେ ଚାଲୁଥିଲେ ମଧ୍ୟ ଭଗବାନଙ୍କ ଦିବ୍ୟନାମାବଳୀ ଜପ କରୁଥିଲେ ମଧ୍ୟ ଅନେକ ଦାନ ଧର୍ମ, ତୀର୍ଥଯାତ୍ରା କରୁଥିଲେ ମଧ୍ୟ ଯଦି ଆମ୍ଭ ମାନଙ୍କ ଭିତରେ ଅଶାନ୍ତିର ଭ୍ରାନ୍ତ ଧାରଣା, କାମନା ଓ ବିଭିନ୍ନ କଳୁଷିତ ଭ୍ରାନ୍ତ ଚେତନା ଠାରୁ ଯଦି ଆମେ ମୁକ୍ତ ନ ହୋଇପାରିବା ତାହାହେଲେ ଶାନ୍ତି ଆମେ କେବେହେଲେ ଉପଲବ୍ଧି କରିପାରିବାନାହିଁ। ଶାନ୍ତି ପ୍ରାପ୍ତି ହେବା ପାଇଁ ଆମକୁ ଈଶ୍ୱର ଉପଲବ୍ଧି ଚେତନାକୁ ନିଜ ଭିତରେ ବୁଡ଼ାଇ ଏହାକୁ ହିଁ ଜୀବନର ଶ୍ରେଷ୍ଠ ଚେତନା ଭାବେ ଗ୍ରହଣ କରି ସଦାସର୍ବଦା ବିଭୁ ନାମ ସ୍ମରଣରେ ନିମୋଜିତ ରହିଲେ ଭ୍ରାନ୍ତ ଚେତନା ଆମଠାରୁ ନିଶ୍ଚିତ ଦୂରେଇ ଯିବ ଓ ଆମେମାନେ ଦିବ୍ୟ ଶାନ୍ତିର ପଥିକ ହୋଇପାରିବା।

***ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨***

# ଶିଶୁ ସାହିତ୍ୟିକ ଶୁଭେନ୍ଦୁ ଶ୍ରୀଚନ୍ଦନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳୀ



ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ଶିଶୁ ସାହିତ୍ୟର ପ୍ରବୀଣ ସ୍ରଷ୍ଟା ଡକ୍ଟର ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂ ଆଉ ନାହାନ୍ତି। ଓଡ଼ିଆ ଶିଶୁ ସାହିତ୍ୟକୁ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସେ ଯେଉଁପରି ଶିଶୁ ସାହିତ୍ୟ ସୃଷ୍ଟି କରିଥିଲେ ତାହା କ୍ୱଚିତ ଲେଖନୀରେ ଦେଖିବାକୁ ମିଳିଥାଏ। ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ହଣ୍ଡପା ପାପସରା ଗାଁରେ ୧୯୩୩ ମସିହା ଅଗଷ୍ଟ ୬ରେ ଜନ୍ମିତ ଡ.ଶୁଭେନ୍ଦୁ ଶ୍ରୀଚନ୍ଦନ ଛାତ୍ର ଜୀବନରୁ କବି ଓ ମେଧାବୀ ଛାତ୍ର ଭାବେ ସୁନାମ ଅର୍ଜନ କରିଥିଲେ। ମାତ୍ର ୬ ବର୍ଷ ବୟସରୁ ସେ ଲେଖନୀ ଚାଳନା ଆରମ୍ଭ କରିଥିଲେ। ୧୨ ବର୍ଷ ବୟସରେ ତାଙ୍କ ପ୍ରଥମ ଲେଖା ପ୍ରକାଶ ପାଇ ଇତି ମଧ୍ୟରେ ୧୧୭ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି। ପୁସ୍ତକ 'ଟିକି ପରି' ପାଇଁ ୨୦୧୩ରେ ଶିଶୁ ସାହିତ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଶିଶୁ ସାହିତ୍ୟ ପୁରସ୍କାର ଲାଭ କରିଥିଲେ। ତାଙ୍କୁ ୧୯୯୫ରେ ଗୌରୀ ଶଙ୍କର ସମ୍ମାନ, ଚଇତି ଚଢ଼େଇ ସମ୍ମାନ, ଶିଶୁ ବଜାର ସମ୍ମାନ, ଓଡ଼ିଶା ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ପକ୍ଷରୁ ଶିଶୁ ସାହିତ୍ୟ ରତ୍ନ, ଉତ୍କଳ ସାହିତ୍ୟ ସମ୍ମାନ, ଝୁମୁକା ଓ ବିଭିନ୍ନ ସମ୍ମାନ ଲାଭ କରିଛନ୍ତି। ବିଭିନ୍ନ ପତ୍ର ପତ୍ରିକାର ସମ୍ପାଦନା ଦାୟିତ୍ୱରେ ମଧ୍ୟ ଥିଲେ। ୧୯୩୯ରେ ତାଙ୍କ 'ସ୍ଫୁରଣ ଦେଖଭାଇ' ପ୍ରଥମ କବିତା, ୧୯୪୬ରେ 'ତୋଳ ଦୁନିଆଁ' କବିତା, ୧୯୫୨ରେ 'ବେଙ୍ଗ ରଜା ବେଗେ ବାଇଦ ବଜା' ଓ 'ସୌଦାଗର ସାନଝିଅ ପ୍ରଥମ ଗଳ୍ପ ବହି ପ୍ରକାଶିତ ହୋଇଥିଲା। ୧୯୬୫ରେ ପ୍ରଥମ ବହି 'ଶଙ୍ଖ କୋଇଲି' ପ୍ରକାଶ ପାଇଥିଲା। ଶତାଧିକ ପୁସ୍ତକର ସ୍ରଷ୍ଟାଙ୍କ ଏହି ପାହାଡ଼ ତଳେ, ଲାଲଟୁକୁନିର କଥା, ଆଦିକବିତା ସହ ଶଙ୍ଖ କୋଇଲି କାହାଣୀ, ପଶୁ ପକ୍ଷୀର ଫୁଲ ବଗିଚା, ଦେଶ ବିଦେଶର ପିଲାଙ୍କ କାହାଣୀ, ସବୁଜ ଘୋଡ଼ା, ଘୃତ ଦେଉଳ, ପିଲାଙ୍କ କୁବେର ପୁରୀ ଆଦି କିଶୋର ଉପନ୍ୟାସ, ସାହିତ୍ୟିକ ଦୃଷ୍ଟି ସନ୍ଥକବି ଭୀମଭୋଇଙ୍କ ସମୀକ୍ଷା ଭଳି ଆଲୋଚନା ଗ୍ରନ୍ଥ ବେଶ ପାଠକବୃତ ହୋଇଛି। ସେ ଜଣେ ଶିକ୍ଷକ ହେବା ସହ ରାଜ୍ୟ ଶିକ୍ଷା ବିଭାଗର ବିଭିନ୍ନ ଉଚ୍ଚ ପଦପଦବୀରେ ରହି କାମ କରିଥିଲେ। ୨୦୧୭ରେ କେନ୍ଦ୍ର ସାହିତ୍ୟ ଅଦାଦେମି ବାଳ ସାହିତ୍ୟ ପୁରସ୍କାର ଲାଭ କରିଥିଲେ। ତାଙ୍କ ରଚିତ ବେଙ୍ଗରାଜା, ବେଗେ ବାଇଦ ବଜା, ଏହି ପାହାଡ଼ ତଳେ, ଟିକିପରି, ଲାଲ ଟିକୁନିର କଥା, ଶଙ୍ଖ କୋଇଲି, କାହାଣୀ ପଶୁପକ୍ଷୀର, ଫୁଲବଗିଚା, ଦେଶ ବିଦେଶର ପିଲାଙ୍କ କାହାଣୀ, ସବୁଜ ଘୋଡ଼ା, ଘୃତ ଦେଉଳ, କୁବେର ପୁରୀ, ମୋ ମାତୃଭାଷା, ଭୀମଭୋଇ ସାହିତ୍ୟ ସୀମକ୍ଷା, ମାନବ ବାଦ ଓ ଦଳିତ ସାହିତ୍ୟ, ମହାଭାରତ କଥା ଓ କାହାଣୀ ଇତ୍ୟାଦି ତାଙ୍କ ସାହିତ୍ୟ ସୃଷ୍ଟିର ଗୋଟିଏ ଗୋଟିଏ କାଳଜୟୀ ସୃଷ୍ଟି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଯଦୁମଣି ପାଟଣାସ୍ଥିତ ବାସ ଭବନରେ ଦୀର୍ଘ ସମୟର ରହଣିକାଳରେ ସେ ବିଭିନ୍ନ ସାହିତ୍ୟ ସାମାଜିକ ସଂଗଠନ ସହିତ ଯୋଡ଼ି ହୋଇଥିଲେ। ଷଷ୍ଠ ଶ୍ରେଣୀ ପାଠ୍ୟପୁସ୍ତକରେ ରହିଥିବା ତାଙ୍କ ରଚିତ ବିଶ୍ୱବିଜୟୀ ବିବେକାନନ୍ଦ ବିଷୟଟି ସମଗ୍ର ଛାତ୍ର ସମାଜ ପାଇଁ ସ୍ମରଣୀୟ ହୋଇ ରହିବ। ଜୀବନକାଳ ଭିତରେ ସେ ଅନେକ ସେବା ସଂଗଠନ ସହ ନିଜକୁ ଜଡ଼ିତ ରଖିଥିଲେ। ସେ ତାଙ୍କ ଶେଷ ଇଚ୍ଛା ମୁତାବକ ଅନୁସାରେ ତାଙ୍କ ମର ଶରୀର ନାଗପୁର ହସ୍ପିଟାଲକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଓ ଗବେଷଣାଲବ୍ଧ କାର୍ଯ୍ୟ ପାଇଁ ଦାନ କରାଯାଇଛି। ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମରେ ସେ ନିଜକୁ ଜଡ଼ିତ ରଖିଥିଲେ। ଏହି ଲେଖିକା ତାଙ୍କ ସଂସ୍ପର୍ଶରେ ଆସିବା ସହ ତାଙ୍କ ଠାରୁ ଉଲ୍ଲେଖନୀୟ ପରାମର୍ଶ ମଧ୍ୟ ପାଉଥିଲେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି।

***ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦***

# ଦାନର ବଦଳୁଥିବା ପରିଭାଷା



ଶିବମ୍ ପଟ୍ଟନାୟକ

ଦାନ କରିବା ଏକ ମହାନ ଗୁଣ, ଦାତା ସଦା ପ୍ରଶଂସାର ପାତ୍ର କ୍ଷ ମାତ୍ର ଦାତା କଣ କେବଳ ଖୁସି ପାଇବା ପାଇଁ ଦାନ କରେ ନା ପ୍ରତି ବଦଳରେ କିଛି ପାଇବା ଆଶା ରହିଥାଏ ସେହି ଦାନ ପଛରେ ସ୍ୱୀକାର କରିବା ପାଇଁ କଷ୍ଟ ହେଉଥିଲେ ମଧ୍ୟ ଏହା ନିରାଟ ସତ୍ୟ ଯେ, ଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରତିଦାନର ସୂକ୍ଷ୍ମ ଆଶାଟିଏ ମନ ଭିତରେ ରଖିଥାଏ କ୍ଷ ସେ ଭିନ୍ନ କଥା ଯେ, ସେହି ଆଶା ତାର ବିଳମ୍ବରେ ପୂରଣ ହୁଏ ବା ପୁରା ହୁଏ ନାହିଁ କ୍ଷ ଦେଉଥିବା ବ୍ୟକ୍ତି ନିଜ ଦାନ ବଦଳରେ କୌଣସି ଭୌତିକ ଦ୍ରବ୍ୟ, ସେବା ଯେ ଆଶା କରେ ତା ନୁହେଁ, ବରଂ ସେ ବେଳେବେଳେ ନିଜର ସୁଖ, ଶାନ୍ତି ଏବଂ ନିଜପାଇଁ ଆଶୀର୍ବାଦ ମଧ୍ୟ କାମନା କରିଥାଏ କ୍ଷ ଅର୍ଥାତ ଦେଖିବାକୁ ଗଲେ ଭାଗବାନଙ୍କୁ ସମର୍ପଣ କରାଯାଉଥିବା ବା କୌଣସି ଦୀନ, ଦୁଃଖୀଙ୍କୁ ଦିଆଯାଉଥିବା ଦାନ ବଦଳରେ ଦାତା ନିଜ ପାଇଁ ପୁଣ୍ୟ ଅର୍ଜନ କରିବାକୁ ଚାହେଁ କ୍ଷ ସତରେ କେତେ ସ୍ୱାର୍ଥପର ଆମେ ମଣିଷ ଜାତି ! କୁକୁର, କାଉ, ଗାଇ ମାନଙ୍କୁ ବି ଖାଇବା ଦେଉ, ଏହା ଭାବିକି ଯେ ଆମର ଗ୍ରହଦୋଷ କଟିଯିବ ଏବଂ ଆମ ଜୀବନରେ ସଫଳତା ଓ ଉନ୍ନତିର ଧାରା ପ୍ରବହମାନ ରହିବ କ୍ଷ ଈଶ୍ୱରଙ୍କୁ ପୂଜା, ନୈବେଦ୍ୟ, ଆରାଧନା, ହୋମ ପଛରେ ଉଦ୍ଦେଶ୍ୟ ଭଗବାନ ଆମର ସବୁ ରିଷ୍ଟ ଖଣ୍ଡନ କରି ଆମ ଜୀବନ ସୁଖମୟ କରନ୍ତୁ ।ବ୍ରାହ୍ମଣ ମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କୁ ଭୋଜନରେ ଆପ୍ୟାୟିତ କରି ଦକ୍ଷିଣା ଓ ପ୍ରସାଦ ଯୋଗାଇବା ପଛରେ ବି ମାନବର ଅଭିପ୍ରାୟ ଏହା ଯେ ବ୍ରାହ୍ମଣ ମାନଙ୍କ ପାଦ ଘରେ ପଡିଲେ ଶୁଭ ଓ ସେମାନଙ୍କର ମନ୍ତ୍ର ଉଚ୍ଚାରଣ ଏବଂ ଆଶୀର୍ବାଦ ଘର ଓ ପରିବାର ପାଇଁ ଶୁଭପ୍ରଦ କ୍ଷ ରାସ୍ତାରେ ଚାଲି ଯାଉଥିବା ଭିକାରି ହେଉ ବା ଫକୀର, ସନ୍ୟାସୀ ; ଏମାନଙ୍କୁ ଦାନ ଦେଲେ ଆମର ମଙ୍ଗଳ ହେବ ବୋଲି ଧାରଣା ଟିଏ ମନରେ ଜନ୍ମ ନିଏ । କହିବା ବାହୁଲ୍ୟ ଏ ସମସ୍ତଙ୍କୁ ବ୍ୟକ୍ତି ଦାନ ଖୁସି ପାଇବା ପାଇଁ ନୁହେଁ, ପ୍ରତିବଦଳରେ ଅପେକ୍ଷାକୃତ ଅଧିକ କିଛି ଉତ୍ତମ ଏବଂ ଶ୍ରେଷ୍ଠ ପାଇବା ଆଶାରେ ହିଁ କରିଥାଏ । ତେବେ ମନରେ ପ୍ରଶ୍ନ ଉଠେ, ଦାନ କଣ ଏକ ପ୍ରଚଳିତ ମୁଦ୍ରା, ଯାହା ବଦଳରେ ପ୍ରତିଥର କିଛି ନା କିଛି ଫେରିପାଇବାର ଆଶା ମଣିଷ ମନରେ ବାନ୍ଧି ରଖିଥାଏ ! ଉପରୋକ୍ତ ବିଷୟଟି ଆଲୋଚନା ବେଳେ ଗୋଟିଏ ଛୋଟ କାହାଣୀ ମନେ ପଡ଼ିଯାଏ କ୍ଷ ଥରେ ଜଣେ ଭିକ୍ଷୁକ ରାସ୍ତାରେ ଯାଉଥିବା ବେଳେ ହଠାତ ସ୍ୱର୍ଗରୁ ଏକ ସୁବର୍ଣ୍ଣ ରଥ ସଦୃଶ ବିମାନ ନିଜ ସମ୍ମୁଖରେ ଆସି ଛିଡାହେବା ଦେଖିଲେ କ୍ଷ ଆଶ୍ଚର୍ଯ୍ୟ ଓ ଉତ୍ସାହରେ ତାଙ୍କ ଆଖି ଦୁଇଟି ଖୋସି ହୋଇଗଲା, ଏମିତି ଅଦ୍ଭୁତ ଦୃଶ୍ୟ ଦେଖିବାର ସୁଯୋଗ ମିଳିଥିବାରୁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ କ୍ଷ ସ୍ୱଭାବ ବଶତଃ ସେ ବିମାନରେ ବିରାଜମାନ ରାଜାଙ୍କୁ ହାତ ପତେଇ ଭିକ୍ଷାର କାମନା କଲେ କ୍ଷ ମାତ୍ର ଆଶ୍ଚର୍ଯ୍ୟଜନକ ଭାବରେ ବିମାନରେ ବସିଥିବା ରାଜା ଜଣକ ଭିକ୍ଷୁକଙ୍କ ଆଡକୁ ହାତ ବଢ଼େଇ ଭିକ୍ଷା ମାଗିଲେ କ୍ଷ ଭିକ୍ଷୁକଙ୍କ ମୁଖ ନିରସ ଦେଖାଗଲା, ସେ ନିଜ ଭାଗ୍ୟକୁ ନିନ୍ଦି କହିଲେ,' ଆଜି ବୋଧେ ମୋର ସବୁଠାରୁ ବଡ଼ ଦୁର୍ଭାଗ୍ୟର ଦିନ, କାରଣ ରାଜା ମୋତେ ଦାନ ଦେବା ପରିବର୍ତ୍ତ ? ମୋ ଠାରୁ ଦାନ ଆଶା କରୁଛନ୍ତି ! ଯଦିଓ ଭିକ୍ଷୁକ ଏଭଳି ପରିସ୍ଥିତିରେ ଖୁସି ହେବା କଥା, କାରଣ ଆଜି ସେ ଭିକ୍ଷା ଦେବାର ସୁଯୋଗ ପାଇଛନ୍ତି, ଯାହା ଏକ ମହାନ କାମ । ମାତ୍ର ସେ ଦୁଃଖରେ ଅଧୀର ହୋଇ ନିଜ ଭିକ୍ଷା ଥଳି ଭିତରେ କିଛି ଖୋଜିବାକୁ ଲାଗିଲେ କ୍ଷ ମୁଣିରୁ ସେ ପାଇଥିବା ଭିକ୍ଷା ଚାଉଳର ଗୋଟିଏ ଦାନା ଅତି କଷ୍ଟରେ ବାହାର କରି ରାଜାଙ୍କୁ ଦେଲେ । ରାଜା ସେହି ଗୋଟିଏ ଦାନା ଚାଉଳକୁ ଭିକ୍ଷା ରୂପେ ଗ୍ରହଣ କରି ନିଜର ସୁବର୍ଣ୍ଣ ବିମାନରେ ବସି ଆକାଶରେ ଅଦୃଶ୍ୟ ହୋଇଗଲେ । ଭିକ୍ଷୁକ ଜଣକ ଦିନସାରା ଦୁଃଖରେ ବିତେଇ ଯେତେବେଳେ ସନ୍ଧ୍ୟାରେ ନିଜର କୁଡ଼ିଆକୁ ଫେରି ପ୍ରାପ୍ତ ହୋଇଥିବା ଭିକ୍ଷା ଚାଉଳକୁ ତଳେ ଅଜାଡି ଆଜି ଦିନର ସଂଗ୍ରହ କେତେ ଜାଣିବାକୁ ଇଚ୍ଛା କଲେ, ସେ ଦେଖିଲେ ଯେ ସେ ଭିତରେ ଗୋଟିଏ ଦାନା ସୁବର୍ଣ୍ଣ ଚାଉଳ ରହିଛି କ୍ଷ ସେତେବେଳେ ସେ ପଶ୍ଚାତାପ କଲେ ଯେ,' ମୁଁ ଗୋଟିଏ ଦାନା ଚାଉଳ ଦାନ ଦେଇଥିଲି ବୋଲି ଗୋଟିଏ ଦାନା ସୁନା ଚାଉଳ ଦାନା ପାଇଲି ; ଓହୋ ମୁଁ କେତେ ମୂର୍ଖ ! ଯଦି ମୁଁ ପୁରା ଥଳିଟି ଯାକ ଚାଉଳ ତାଙ୍କୁ ଦାନ ଦେଇଥାନ୍ତି, ଆଜି କେତେ ଧନୀ ହୋଇ ନ ଥାନ୍ତି କ୍ଷ ଏଥିରୁ ଜଣାପଡେ ଯେ ଅଧିକାଂଶ ଦାନୀ ବ୍ୟକ୍ତି କେବଳ ଖୁସି ପାଇବା ପାଇଁ ନୁହେଁ ବରଂ ତା ବଦଳରେ କିଛି ଭଲ ପାଇବା ଆଶାରେ ଦାନ କରିଥାନ୍ତି ।ଦାନ କଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ ବୋଲି ସମସ୍ତଙ୍କ ଧାରଣା ରହିଛି । ଦାନ ଦ୍ୱାରା ପୁଣ୍ୟ ପ୍ରାପ୍ତି ହେଉ ବା ନ ହେଉ, କେଉଁ ପ୍ରକାରର ଦାନ ମୂଲ୍ୟହୀନ ସେ ବିଷୟରେ ନିଶ୍ଚୟ ଜାଣିନେବା ଉଚିତ ମନେହୁଏ । ଗରୁଡ଼ ପୁରାଣରେ ଏହା ଉପରେ ଏକ ଶ୍ଳୋକ ରହିଛି, ଯାହା ସୂଚାଇଦିଏ ଯେ ନିଜର ସାମର୍ଥ୍ୟ ଅନୁଯାୟୀ, ପ୍ରଶଂସା ଏବଂ ଲୋକଦେଖାଣିଆକୁ ବାଦ ଦେଇ ଏବଂ ନିଃସ୍ୱାର୍ଥପର ଭାବନା ନେଇ ଦାନ ଦିଆ ନ ହେଲେ ତାହା ମୂଲ୍ୟହୀନ ହୋଇଥାଏ । ନିଜର ସାମର୍ଥ୍ୟ ଅନୁଯାୟୀ ଅର୍ଥାତ, ନିଜର ରୋଜଗାର କମ ଥିଲେ, ବିନା କୌଣସି ବିଚାର କରି ଦାନ କଲେ ଏହା ବ୍ୟକ୍ତିର ଦରିଦ୍ରତାର କାରଣ ସାଜେ କ୍ଷ ଏଣୁ ଦାନ କରିବା ପୂର୍ବରୁ ନିଜର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖିବା ଅତ୍ୟନ୍ତ ଆବଶ୍ୟକ । ବ୍ୟକ୍ତି ନିଜ ରୋଜଗାରର ଦଶ ପ୍ରତିଶତ ଅର୍ଥକୁ ଦାନ କରିବା ହିଁ ଶାସ୍ତ୍ର ସମ୍ମତ ଅଟେ । ଅନ୍ୟକୁ ଦେଖେଇବା ପାଇଁ କିମ୍ବା ପ୍ରଶଂସା ସାଉଁଟିବା ପାଇଁ ମଧ୍ୟ ଦାନ କରିବାକୁ ବାରଣ କରାଯାଇଛି । ଅନ୍ୟକୁ ଦେଖାଇବା ପାଇଁ କରାଯାଉଥିବା ଦାନ ଦ୍ୱାରା ଦାତାର ଅହଂକାର ବଢ଼େ । କେବଳ ଶ୍ରଦ୍ଧାର ସହ ଦିଆଯାଉଥିବା ଦାନ ହିଁ ବ୍ୟକ୍ତି ପାଇଁ ଉତ୍ତମ ମନେହୁଏ, ସେଥିପାଇଁ ତ କୁହାଯାଏ ଯେ, ଦାନ ଏମିତି ହେବା ଉଚିତ, ଯେମିତି ଗୋଟିଏ ହାତ ଦ୍ୱାରା ଦାନ କରାଯାଉଥିଲେ ଅନ୍ୟ ହାତକୁ ସୁଦ୍ଧା ତାହା ଯେଭଳି ଜଣା ନ ପଡ଼େ । ଶେଷରେ କ୍ରୋଧ ଭାବନା ବା ବାଧ୍ୟବାଧକତାରେ ଦାନ କରାଯିବା ମଧ୍ୟ ଅନୁଚିତ । ଅପାତ୍ରକୁ, ଅର୍ଥାତ ଯିଏ ଦାନ ପାଇବା ଯୋଗ୍ୟ ନୁହେଁ, ସେମାନଙ୍କୁ ଦାନ କରିବା ବି ମୂଲ୍ୟହୀନ କ୍ଷ ଏଣୁ ଦାନ ଉପଯୁକ୍ତ ବ୍ୟକ୍ତିଙ୍କୁ ହିଁ ଦେବା ଉଚିତ, ଯାହାର ସତରେ କିଛି ଅଭାବ ବା ଅସୁବିଧା ରହିଛି । ଦାନ କରିବା ପଛରେ ପ୍ରକୃତ ଉଦ୍ଦେଶ୍ୟ ସମାଜରେ ସମାନତା ଆଣିବା ଲକ୍ଷ୍ୟରେ ହେବା ଉଚିତ, ନୁହେଁ କି ସୁନାମ, ପ୍ରଶଂସା ଏବଂ ପ୍ରତିଷ୍ଠା ପାଇଁ ! ପ୍ରତିଦାନର ଆଶା ବିନା କରାଯାଇଥିବା ଦାନ ବ୍ୟକ୍ତିକୁ ଶୁଭକାମନା ଓ ଆଶୀର୍ବାଦ ପ୍ରଦାନ କରେ । ଆଉ ପୁଣି ଦାନ କରିବା ପାଇଁ ଭବିଷ୍ୟତକୁ ଅପେକ୍ଷା ବା କୌଣସି ସୁଚିନ୍ତିତ ଯୋଜନାର ଆବଶ୍ୟକତା ନ ଥାଏ, ଏଭଳି ବ୍ୟକ୍ତି ପାଇଁ ସଠିକ ସମୟ କେବେହେଲେ ଆସେ ନାହିଁ, କି ସେ କେବେ ଦାନ କରିପାରେ ନାହିଁ କ୍ଷ ତେଣୁ ଦାନ କରିବାର ବିଚାର ମନକୁ ଆସିଲା ମାତ୍ରେ ବିଳମ୍ବ ନ କରି ଏହାକୁ କାର୍ଯ୍ୟରେ ପରିଣତ କରିବା ଉଚିତ। ଇତିହାସ ସାକ୍ଷୀ ଅଛି ଭାରତବର୍ଷରେ ଦାନୀ ରାଜା ହରିଶ୍ଚନ୍ଦ୍ର, ମହାଦାନୀ କର୍ଣ୍ଣ, ମହଯୋଗୀ ଦଧୀଚି ଏବଂ ଶିଷ୍ୟ ଏକଲବ୍ୟଙ୍କ ଦାନକୁ କାଳେ କାଳେ ସ୍ମରଣ କରାଯାଏ । ଏମାନଙ୍କ ଦାନ ପଛରେ କିଛି ପାଇବାର ଆଶା ବା ନିଜକୁ ବିଖ୍ୟାତ କରିବାର ମନୋକାମନା ନ ଥିଲା । ଏଭଳି ମହାନ ବ୍ୟକ୍ତିତ୍ୱଙ୍କ ଠାରୁ ଆମ ବର୍ତ୍ତମାନର ପିଢ଼ି ନିଶ୍ଚୟ ଶିକ୍ଷା ନେବା ଉଚିତ ।

କଳନ୍ତିରା, ବିରିଡ଼ି,
ଜଗତସିଂପୁର, ୭୫୪୧୩୦
ମୋ : ୯୦୭୮୨୦୫୭୭୭




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।



୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।

ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ



କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚା ପୋଡିଗଲା ପରି ଦେଖାଯାଏ ।

ପରିଚାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚିତ ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଜ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚାଷ ଜମି ର ସୌନ୍ଦର୍ଜ୍ୟ ଏବଂ ଚାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚାଷୀ ଙ୍କ ଦ୍ୱାରା ଚାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚିଙ୍ଗୁଡି ଏବଂ



**ଅନିଲ କୁମାର ମିଶ୍ର**

କଙ୍କଡା ଚାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚତୁରତା ସହିତ ଚାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।

କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।



୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।



୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ

ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

## ବାଇକ ଦୁର୍ଘଟଣାରେ ନାବାଳକ ସମେତ ୨ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଶୁକ୍ରବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ସମେତ ଜଣେ ନାବାଳକ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଯାଜପୁର ଅଂଚଳର ଦୀଲିପ ବାରିକ (୪୨) ନିଜ ଭଉଣୀ ଓ ଭଣଜା ବାଦଲ ପୃଷ୍ଟି (୬)ଙ୍କୁ ବାଇକରେ ବସାଇ କଟକ ଅଭିମୁଖେ ଯାଉଥିବା ବେଳେ ନେଉଳପୁର ନିକଟରେ ବାଇକ ଆଗକୁ କୁକୁର ପସି ଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଫଳରେ ଦୀଲିପଙ୍କ ଗୋଡ ଭାଙ୍ଗିଯାଇଥିଲା ବେଳେ ବାଦଲ ଆହତ ହୋଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ ଆହତମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟ ମାମୁ ଭଣଜାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ମଲ୍ଲିପଦରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ ମଲ୍ଲିପଦର ଗ୍ରାମର ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁରୋଗର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭୁବନେଶ୍ୱରର ସେଂଟର ଫର ସାଇଟ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦିପ୍ତୀରଂଜନ ପଣ୍ଡା ଯୋଗଦେଇ ମୋଟ ୫୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବାବେଳେ ମାଗୁଣୀ ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଂଜନ କୁମାର ଦାଶ ସହଯୋଗ କରିଥିଲେ।

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ। ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ। ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି। ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ। ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ। ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ। ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ। ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ। ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ। ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ। ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି। ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ। ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ। ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ। ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ। କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ। ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ। ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ। ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି। ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ। ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି। ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି। ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି। ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ ହୋଇଛି। ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ। ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ। କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ। ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ। ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍। ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି। ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ। ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି। ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା। ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି। ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ। ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ। ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ। ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି। ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ। ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ। ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା।

# ପ୍ରଦେଶ ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୟାସିର ନୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ୍ୟ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ନବୀନ ସରକାରଙ୍କର ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହୀନ, ମସ୍ତକ ବିହୀନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଏମାନେ କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତୋଳନ କରନ୍ତି ନାହିଁ। କେବଳ ନବୀନବାବୁଙ୍କ ଜୟଜୟକାର କରିବା ଛଡ଼ା ଛାତ୍ର ବିଜେଡ଼ିର ଦ୍ୱିତୀୟ କାର୍ଯ୍ୟ କିଛି ନାହିଁ। ଏମାନେ କେବେ ଆନ୍ଦୋଳନ କରି ରାସ୍ତା ଉପରକୁ ଓହ୍ଲାଇ ନାହାନ୍ତି। ସାରା ରାଜ୍ୟରେ କ୍ୟାମ୍ପସ ଅସୁରକ୍ଷିତ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ପ୍ରାଇଭେଟ କଲେଜର ମାଲିକମାନେ ଶୋଷଣ କରୁଛନ୍ତି। କଲେଜ ଫି ବଢ଼ି ବଢ଼ି ଚାଲିଛି, ର୍‍ୟାଗିଂ ଚାପରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅଧାପକମାନଙ୍କର ଘୋର ଅଭାବ, ଭିତିଭୂମି ନାହିଁ, ଜାଲ ସାର୍ଟିଫିକେଟରେ ଆଡମିଶନ ହେଉଛି, ଡେଭଲପମେଂଟ ଫଣ୍ଡ ଲୁଟି ନିଆଯାଉଛି। ଆମେ ଆନ୍ଦୋଳନ କରୁଛୁ ମାତ୍ର ଛାତ୍ର ବିଜେଡ଼ି ଚୁପ ବସିଛି। ଏବିଭିପି ମଧ୍ୟ ବିସିଜେଡ଼ି ସହ ହାତ ମିଳାଇଛି। ଅପରପକ୍ଷରେ ବର୍ଷକୁ ନବୀନ ପଟ୍ଟନାୟକ ୨ଲକ୍ଷ ଏବଂ ନରେନ୍ଦ୍ର ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏବେ ଛାତ୍ରଛାତ୍ରୀମାନଙ୍କୁ ଓ ବେକାର ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଉଛନ୍ତି। ମହଙ୍ଗାମାଡ଼ ଜନସାଧାରଣଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଖଣି, ରେଳବାଇ, ଏଲଆଇସି, ବିଏସଏନଏଲ, ବନ୍ଦର ଯାହା ସବୁ ଦେଶର ସଂପତି ରହିଛି ସବୁ ଗୋଟି ଗୋଟି କରି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଶିଳ୍ପପତିମାନଙ୍କୁ ଦାନ କରିଦେଉଛନ୍ତି। ଘୃଣା, ହିଂସା, ଜାତିବାଦ, ଖାଦ୍ୟ ଓ ପୋଷାକ ଆଧାରରେ ଭାରତକୁ ଭାଗ ଭାଗ କରିବାପାଇଁ ଚକ୍ରାନ୍ତ ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସମୁହରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଛାତ୍ର କଂଗ୍ରେସ ଛାତ୍ର ଯୋଡ଼ୋ କାର୍ଯ୍ୟକ୍ରମ କରୁଛି। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଂହଚିବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ସ୍ୱାଗତ କର, ସୁନିଲ ମାଟିଆ, ଜଗଦିଶ ଗଜେନ୍ଦ୍ର, ସ୍ମୃତିରନ ତ୍ରିପାଠୀ, ନିହାର ବେହେରା, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ବିଭୁତିଭୂଷଣ ମହାପାତ୍ର, ନିଆଜୁଲ ଇସଲାମ, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ମହମ୍ମଦ ସମିଉଲ, ଭାଗ୍ୟଶ୍ରୀ ମହାନ୍ତି, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ସୌମ୍ୟବ୍ରତ ଷଣ୍ଢ, ସୟଦ ଆଜମ ଅଲ୍ଲୀ, ଆର୍ଯ୍ୟାନ ସାସମଲ, ଅବଦୁଲ ଆବ୍ରାର, ବାସୁଦେବ ନାର୍ଥ ଶର୍ମା, ଅପର୍ଣ୍ଣା ଜେନା, ଲିପ୍ସା ପରିଡ଼ା, ରାଜେଶ୍ୱରୀ ବିଶ୍ୱାଳ, ବାସନ୍ତ ଗାଗରାଇ, ପ୍ରତ୍ୟୁଷ ରଂଜନ ପ୍ରଧାନ ଓ ସୁନିଲ ସାହୁ ଗାନ୍ଧୀ ପ୍ରମୁଖ ବହୁ ଛାତ୍ର ନେତା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ସ୍ୱସ୍ତି ପ୍ରିମିଅମ୍‌ଠାରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ ମୁଖ୍ୟ ଅତିଥି, ସଭାପତି ସୁଭାଷ ଚନ୍ଦ୍ର ମୁଖାର୍ଜୀ, ଉପଦେଷ୍ଟା ଡ. ସଜାଲେନ୍ଦୁ ମାଲକାର, ଉପସଭାପତି ହର୍ଷବର୍ଦ୍ଧନ ଭରଦ୍ୱାଜ ଯୋଗଦେଇ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଜାତା ରାହାଙ୍କ ଆବାହକତ୍ୱରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ମାତୃଭାଷାର ବିକାଶ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଆଗେଇ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ରାହା ବିବରଣୀ ରଖିବା ସହ ସମସ୍ତେ ରାଷ୍ଟ୍ର ପାଇଁ ନିଷ୍ଠା, ସମର୍ପଣ ଭାବ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତଃ ଦାସ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠକ ଥିଲେ। କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ବାଲେଶ୍ୱରର ଜନସାଧାରଣଙ୍କର ସମସ୍ୟାକୁ ବିଧାନସଭାରେ ଦୃଢ଼ ଉପସ୍ଥାପନ କରିବା ଏବଂ ତାର ପ୍ରତିକାର କରିବାରେ ସେ କେବେ ଅବହେଳା କରିନାହାନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସତସଙ୍ଗ କେନ୍ଦ୍ର ପକ୍ଷରୁ ଜାରକାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବସ ବ୍ୟାପି ବହୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସତସଙ୍ଗ କେନ୍ଦ୍ରର ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ସ୍ୱାଗତ ଦାସ, ଅତିଥି ଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ଠାକୁର ଅନୁକୁଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତନ ସମୟରେ ବୃକ୍ଷର ଆବଶ୍ୟକତା ଉପଲବ୍ଧି କରି ଅତିଥିମାନେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ନିଗମ ମହାନା, ସନ୍ତୋଷ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଗୁରୁଭାଇମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସେଲସ୍ ପବ୍ଲିକ ସ୍କୁଲ ପକ୍ଷରୁ ଉଡାନ ଓ ଲିଟେରାରୀ କ୍ଲବ ଉଦଘାଟିତ



କଟକ (ପିଏନ୍): କଟକ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲ ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଭାବେ ପିଲାମାନଙ୍କ ପାଇଁ ଉଡାନ ଓ ପ୍ରଦର୍ଶ ଶୀର୍ଷକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ରୁହିନା ପ୍ରିୟଦର୍ଶିନୀ ଯୋଗ ଦେଇ ସକାରାତ୍ମକ ଓ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଶହେଜଣ ଅଭିଭାବକ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନେ ନିଜ ଦକ୍ଷତା ଓ ନିଜ ଭିତରର ଶ୍ରେଷ୍ଠତାକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶିକା ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟ ପକ୍ଷରୁ ଲିଟେରାରୀ କ୍ଲବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ତିନିଶହ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ଉନ୍ମୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ତାତ୍ପର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିବା ସହ ଏହି କ୍ଲବ ବିପୁଳ ସଫଳତା ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday December 23, 2023 ଭୁବନେଶ୍ୱର ଶନିବାର, ଡିସେମ୍ବର ୨୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ରାମଚଣ୍ଡୀ ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ



ଭୁବନେଶ୍ୱର,(ପି.ଏନ): ଆଜି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗଡମାଣତୀରସ୍ଥିତ ରାମଚ୍ଣ୍ଡୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି।୧୪ ତାରିଖରୁ ଆରମ୍ଭ ହୋଇ ଆଜି ସମାପ୍ତ ହୋଇଥିବା ଏହି ନଅ ଦିନର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ସାହିତ୍ୟ,ସଂସ୍କୃତି ଓ କ୍ରିଡା ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ରେଡ କ୍ରସର ସଂଯୋଜିକା ଅଧାପିକା ସବିତା ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ପଦଯାତ୍ରା ଓ ପଥପ୍ରାନ୍ତ ନାଟକ ମାଧମରେ ବାଲ୍ୟ ବିବାହ, ପ୍ଲାଷ୍ଟିକ ବ୍ୟବହାର ଓ ଡ୍ରଗର ଅପବ୍ୟବହାର ବିରୋଧରେ ସଚେତନତା ସୃଷ୍ଟି କରିଥିଲେ।ଆଜିର ଉଦଯାପନୀ ଉତ୍ସବରେ ବେଗୁନିଆର ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବିଭିନ୍ନ ଯୁବାଭିମୁଖୀ ଯୋଜନା ସମ୍ପର୍କରେ ସୂଚ୍ନା ଦେଇଥିଲେ।ଏହି ଅବସରରେ ସମ୍ପର୍କ ହିଁ ଶ୍ରେଷ୍ଠ ସମ୍ପତି ବୋଲି ସେ ମତ ରଖିଥିଲେ। ଏହା ବ୍ୟତୀତ ଗଡମାଣତିର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ କରୁଣାକର ଦଳସିଂହରାୟ , ପୂର୍ବତନ ଛାତ୍ର ସଂଗଠନର ସଭାପତି ଶ୍ରୀଯୁକ୍ତ ଶ୍ରୀନିବାସ ସୁନ୍ଦରାୟ ଓ ରାମଚ୍ଣ୍ଡୀ ଉଚ୍ଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ଭୁଜବଳ ଏହି ସଭାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଡ। ଜଟାଧାରୀ ମହାପାତ୍ର । ସଭା ଶେଷରେ ଛାତ୍ରୀ ଇତିଶ୍ରୀ ରାଉତରାୟ ଓ ସସ୍ମିତା ପ୍ରଧାନ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଜାନୁୟାରୀ ୩ରେ ପାରାଦୀପ ମାରାଥାନ-୨୦୨୪

ପାରାଦୀପ,(ପି.ଏନ): ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ପାରାଦୀପ ମାରାଥାନ ଅନୁଷ୍ଠିତ ହେବ । ଜାନୁୟାରୀ ମାସ ୩ ତାରିଖରେ ହେବାକୁ ଥିବା ଏହି ମାରାଥାନ ପାରାଦୀପ ବନ୍ଦର ଗେଟ୍ ନମ୍ବର-୫ ନିକଟରୁ ଆରମ୍ଭ ହେବ । ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିବେ । ପ୍ରତିଯୋଗୀମାନେ ୧୪ କି.ମି. ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍‌ରେ ପହଂଚିବେ । ସେଠାରେ କୃତି ପୁରୁଷ ଓ ମହିଳା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା

# ସମନ୍ୱିତ ଯୁବ ବିକାଶ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଧର୍ମଶାଳା,(ପିଏନ): ଧର୍ମଶାଳା ବ୍ଲକ ପକ୍ଷରୁ ସମନ୍ୱିତ ଯୁବ ବିକାଶ କ୍ରୀଡ଼ା ପ୍ରତିଯୋଗିତା ଗଡମଧୁପୁର ଓ ବଡକାଏମା ଖେଳ ପଡିଆରେ ଆଜିଠାରୁ ଆରମ୍ଭ ହୋଇଛି । ଗଡମଧୁପୁର ଖେଳ ପଡିଆରେ ଅନୁଷ୍ଠିତ କ୍ରିକେଟ୍ ମ୍ୟାଚକୁ ଧର୍ମଶାଳା ବିଧାୟକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସେହିପରି ବଡକାଏମା ଖେଳପଡିଆରେ ଅନୁଷ୍ଠିତ ମ୍ୟାଚରେ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ପରିଷଦ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ । ଗଡମଧୁପୁର ଖେଳପଡିଆରେ ୧୬ ଗୋଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଆଜିର ଖେଲରେ ବରମୁଣ୍ଡୁଳି କ୍ରିକେଟ କ୍ଲବ, ମାମଙ୍ଗଳା କ୍ରିକେଟ କ୍ଲବ, ଧବଳ କ୍ରକେଟ କ୍ଲବ, ରାଧା ମୋହନ କ୍ରକେଟ କ୍ଲବ, ଶୋଲେଇ କ୍ରକେଟ କ୍ଲବ, ବିସିସି ତରଞ୍ଜିଆ ଓ ମା ପୋବଲେଇ କ୍ରକେଟ କ୍ଲବ ବିଜୟୀ ହୋଇଥିଲେ । ଏହି ଖେଳକୁ ନିକୁ ବେହେରା, ମୃତ୍ୟୁ୍ୟ ବରାଳ, କାର୍ତ୍ତିକ ଗୁରୁ ଓ ତ୍ରିଲୋଚନ ବିଶ୍ୱାଳ ପରିଚାଳନା କରିଥିଲେ । ବଡକାଏମା ଠାରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ୧୬ ଗୋଟି ଟିମ ଅଂଶଗ୍ରହଣ କରିଥିଲେ । ଏଥିରେ ରାଖିପାଟଣା ଚ୍ୟାଲେ ଇଲେଭେନ, କେଡିଏମ ଉତରପ୍ରତାପ, ରାଖିପାଟଣା କ୍ରିକେଟ କ୍ଲବ, ମାମଙ୍ଗଳା କ୍ରିକେଟ ଟିମ, ରାୟବାହାଦୁର କ୍ରିକେଟ ଟିମ, ଅରେଇକଣା କ୍ରିକେଟ କ୍ଲବ, ରାଇଜିଂଷ୍ଟାର ଯୁଥ କ୍ଲବ, ଉଦୟବ୍ରତ କ୍ରିକେଟ ଟିମ ପ୍ରମୁଖ ବିଜୟୀ ହୋଇଥିଲେ । ଆଜିର ଖେଳକୁ ନାରାୟଣ ପାଳ ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ । ଶନିବାର ଜେନାପୁର ହାଇସ୍କୁଲ ଖେଳ ପଡିଆରେ ଉଭୟ ମହିଳା ଓ ପୁରୁଷ ଦଳ ଖୋଖୋ, କବାଡି ଏବଂ ପୁରୁଷ ଫୁଟବଲ ଖେଳ ଅନୁଷ୍ଠିତ ହେବ । ଧର୍ମଶାଳା ମହାବିଦ୍ୟାଳୟ ଖେଳପଡିଆରେ ପୁରୁଷ ବିଭାଗ ଭଲିବଲ ଅନୁଷ୍ଠିତ ହେବ । ବଡକାଏମା ଓ ଗଡମଧୁପୁର ଖେଳପଡିଆରେ ଆସନ୍ତା କାଲି ଅନୁଷ୍ଠିତ ହେବ ବୋଲି ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି ।

# ଭିନ୍ନ ସଙ୍ଗଠନ ପକ୍ଷରୁ ଦୁଇ ଦିନ ରକ୍ତଦାନ ଶିବିରକୁ ନେଇ ପାରାଦୀପରେ ଚର୍ଚ୍ଚା

ପାରାଦୀପ,(ପି.ଏନ): ଆସନ୍ତା ୨୪ ତାରିଖ ଓ ୨୫ ତାରିଖ ଦୁଇ ଦିନ ଧରି ଦୁଇ ପୃଥକ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିରକୁ ନେଇ ପାରାଦୀପ ସହରରେ ଚର୍ଚ୍ଚା ଜୋର୍ ଧରିଛି । ଆସନ୍ତା ୨୪ ତାରିଖ ଦିନ ଆମ ପାରାଦୀପ ଆମ ପ୍ରଗତି ସଙ୍ଗଠନର ପ୍ରତିଷ୍ଠାତା ତଥା ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଙ୍ଗଠନର ମୁଖ୍ୟ ଅରିନ୍ଦମ ସାର୍ଖେଲ (ବାପି)ଙ୍କ ୪୯ତମ ଜନ୍ମଦିନ । ଏହି ଅବସରରେ ଓଡିଶା ଯୁଥ ଫେଡେରେସନ୍ ପକ୍ଷରୁ ଏକ ରକ୍ତଦାନ ଶିବିର ପାରାଦୀପ ପୋର୍ଟ କ୍ଲବ୍ ପରିସରରେ ଆୟୋଜିତ ହେବାକୁ ଯାଉଛି । ଏହି ଶିବିରକୁ ସଫଳ କରିବା ପାଇଁ ଓଡିଶା ଯୁଥ ଫେଡେରେସନ୍ ପକ୍ଷରୁ ଜୋରଦାର୍ ଉଦ୍ୟମ ଆରମ୍ଭ ହୋଇଛି । ପାରାଦୀପର ଶ୍ରମିକ ସଙ୍ଗଠନ ସହିତ ଅନେକ ଗୁଡିଏ ଗଣଅନୁଷ୍ଠାନ ସହିତ ବାପି ସାର୍ଖେଲଙ୍କର ଭଲ ସମ୍ପର୍କ ରହିଛି । ତାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ସଫଳତାକୁ ନେଇ ବାପିଙ୍କ ଅନୁଗାମୀମାନେ ଆଶାବାଦୀ । ସେହିପରି ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ଅବରରେ ରକ୍ତଦାନ ଶିବିର ଆୟୋଜନ କରିବାକୁ ସ୍ଥିରୀକୃତ ହୋଇଥିଲା । ଏହି ଅବସରରେ ୨୫ ତାରିଖ ଦିନ ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହେବାକୁ ଯାଉଛି । ପାରାଦୀପ ନଗର ବିଜୁ ଜନତା ଦଳର ସଭାପତି ଆଲୋକ ମହାପାତ୍ର ଏହି ଶିବିରକୁ ସଫଳ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ପାରାଦୀପର ବିଭିନ୍ନ ଓାର୍ଡରେ ଥିବା ଯୁବକର୍ମୀମାନେ ଅଣ୍ଟା ଭିଡିଛନ୍ତି । ତେବେ ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ଏହି ଦୁଇ ରକ୍ତଦାନ ଶିବିରର ଆୟୋଜନକୁ ନେଇ ସାଧାରଣରେ ଉତ୍ସୁକତା ଦେଖା ଦେଇଛି ।

# ଆନ୍ଦୋଳନର ଦଶ ମାସ ପରେ ହଟିଲା ଗ୍ରାମ୍ୟ ସୁରକ୍ଷା ସମିତି ହାଣ୍ଡିଆର ଆନ୍ଦୋଳନ

ପାରାଦୀପ,(ପି.ଏନ): ଲୋକମାନଙ୍କ ଦାବୀ ପୂରଣ ନିମନ୍ତେ ବାରମ୍ବାର ଅଭିଯୋଗ ହେଉଥିଲେ ବି ଏମଏନଏସ୍ କର୍ତ୍ତୃପକ୍ଷ ସବୁବେଳେ ଅଣଦେଖା କରିଚାଲିଥିଲେ । ଏହାର ପ୍ରତିବାଦରେ ଦଶ ମାସରୁ ଉର୍ଦ୍ଧ ହେବ ଗ୍ରାମ୍ୟ ସୁରକ୍ଷା ସମିତି ହାଣ୍ଡିଆ ତରଫରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲି ଆସିଥିଲା । ଗୁରୁବାର ଦିନ ଏହି ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଗ୍ରାମ୍ୟ ସୁରକ୍ଷା ସମିତି ଦୀର୍ଘ ୧୦ ମାସ ହେବ ଗ୍ରାମ୍ୟ ସୁରକ୍ଷା ସମିତି ହାଣ୍ଡିଆ ତରଫରୁ ନିଜ ପଂଚାୟତରୁ ବିସ୍ଥାପିତ ନହେବା ସହିତ ଗମନାଗମନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଆଦି ମୌଳିକ ସେବା ଯୋଗାଇ ଦେବାରେ ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ କମ୍ପାନୀ (ଏମଏନଏସ୍) ଟାଳଟୁଳ ନୀତିର ପ୍ରତିବାଦରେ ଆନ୍ଦୋଳନ ଚାଲି ଆସିଥିଲା । ଗ୍ରାମ୍ୟ ସୁରକ୍ଷା ସମିତି ହାଣ୍ଡିଆ ଗ୍ରାମର ୩୫ ଜଣ ଯୁବକ, ଯୁବତୀମାନଙ୍କୁ ନୂତନ ଭାବେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ବଗିଚା କାମରେ ନିୟୋଜିତ କରିବା, ଗ୍ରାମରେ ଥିବା ସ୍କୁଲମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ତାଲିମପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ମାଗଣାରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବା, ଗମନାଗମନ ନିମନ୍ତେ ରାସ୍ତା ଓ ଏକ କାଠ ପୋଲ ନିର୍ମାଣ ସହିତ ଗ୍ରାମ ପୁଷ୍କରିଣୀର ପୁର୍ନଉଦ୍ଧାର କରିବା, ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ସହାୟତା କରିବା, ଗ୍ରାମର ମହିଳାମାନଙ୍କୁ ସିଲେଇ ଶିକ୍ଷା ପ୍ରଦାନ କରି ସେମାନଙ୍କ ଦ୍ୱାରା କମ୍ପାନୀ କର୍ମଚାରୀମାନଙ୍କ ପୋଷାକ ତିଆରି କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା, ପ୍ରତ୍ୟେକ ମାସ ଶେଷ ରବିବାର ଦିନ ଏକ ଡାକ୍ତରୀ ଟିମ୍ ଦ୍ୱାରା ଗ୍ରାମବାସୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ଯୋଗାଇ ଦେବା ଆଦି ଦାବୀ ପୂରଣ କରିବାକୁ ଏମଏନଏସ୍ କର୍ତ୍ତୃପକ୍ଷ ସହମତି ପ୍ରଦାନ କରିଥିବା ନେଇ ସୂଚନା ମିଳିଛି । ଆସନ୍ତା ଫେବୃୟାରୀ ମାସ ଶେଷ ସୁଦ୍ଧା ଏସମସ୍ତ ଦାବୀ ପୂରଣ କରାଯିବାକୁ ପ୍ରତିଶୃତି ଦେଇଛନ୍ତି ଏମଏନଏସ୍ କର୍ତ୍ତୃପକ୍ଷ । ଗୁରୁବାର ଦିନ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ଡିଏସପି ସନ୍ତୋଷ ଜେନା, ଲକ୍ ଥାନା ଅଧିକାରୀ କୁଳମଣି ସେଠୀ, ଏମଏନଏସ୍‌ର ଜେନେରାଲ ମ୍ୟାନେଜର ପି.କେ.ମହାନ୍ତି ଯୋଗ ଦେଇଥିବା ବେଳେ ଗ୍ରାମ୍ୟ ସୁରକ୍ଷା ସମିତି ପକ୍ଷରୁ ଉପଦେଷ୍ଟା ଅରିନ୍ଦମ ସାର୍ଖେଲ, ସଭାପତି ଶଶିକାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ବାବୁଲି ଚରଣ ଦାସ, କାର୍ଯ୍ୟକାରୀ ସଭାପତି ସତ୍ୟପ୍ରକାଶ ସାମଲ, ଉପସଭାପତି ସମ୍ପଦ ସାହୁଙ୍କ ସମେତ ସମିତିର ପ୍ରମୁଖ ସଦସ୍ୟମାନେ ଯୋଗ ଦେଇଥିଲେ । ନିଜ ପଂଚାୟତ ସୀମା ମଧ୍ୟରେ ବିସ୍ଥାପିତମାନେ ରହିବାକୁ ହେଉଥିବା ଦାବୀ ଉପରେ ଅତିରିକ୍ତ ଜିଲ୍ଲାପାଳ ଲିଖିତ ଭାବେ ଦେଲେ ସେ ଏହାକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି । ଏହି ସମସ୍ୟାର ସମାଧନ ପାଇଁ ଅଣ୍ଟା ଭିଡି ଥିବା ଉପଦେଷ୍ଟା ଅରିନ୍ଦମ ସାର୍ଖେଲଙ୍କ ସମେତ ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ଏମଏନଏସ୍ କର୍ତ୍ତୃପକ୍ଷଙ୍କୁ ଗ୍ରାମ୍ୟ ସୁରକ୍ଷା ସମିତି ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।

# କୋତପୁର ପ୍ରିମିୟର ଲିଗ୍, ସ୍କାନ୍ ସେମିରେ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ୍ କୋତପୁର ଗାଁ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରଥମ ବାର୍ଷିକ କୋତପୁର ପ୍ରିମିୟର ଲିଗ୍ ଆଜିଠାରୁ ଆରମ୍ଭ ହୋଇଛି । କୋତପୁର ୟଙ୍ଗ ଷ୍ଟାର୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଓ ସମ୍ମାନିତ ଅତିଥି ଜାଗୁଳାଇ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ପୁରୀର ପାୟୋନିୟର କ୍ରିକେଟ୍ କ୍ଲବ୍‌କୁ ୧୪ରନ୍‌ରେ ପରାସ୍ତ କରି ଭୁବନେଶ୍ୱରର ସ୍କାନ୍ କ୍ରିକେଟ୍ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସ୍କାନ୍ ୨୧.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୌମ୍ୟରଂଜନ ଶ୍ରୀଚନ୍ଦନ ୩୨ ଓ ପ୍ରତ୍ୟୁଷ ରାଉତରାୟ ୨୪ରନ୍ କରିଥିଲେ । ବିପକ୍ଷ ଦଳର ଅଭୟ ପଟ୍ଟନାୟକ ୩ଟି ଉଇକେଟ୍ ନେଇଥିଲେ । ଜବାବ୍‌ରେ ପାୟୋନିୟର ବ୍ୟାଟିଂ କରି ୨୩.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୩ ରନ୍ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ଭାଗିରଥୀ ବେହେରା ୩୭ରନ୍ କରିଥିଲେ । ବିପକ୍ଷ ଦଳର ଆଶିଷ ରଥ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ । ଖେଳକୁ ବଳୟ ରନ ଜେନା ଓ ପ୍ରଭାତ କୁମାର ଜେନା ପରିଚାଳନା କରିଥିଲେ । ଆସନ୍ତାକାଲି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜଗତପୁରର ନିମପୁର ସ୍ପୋର୍ଟସ୍ କ୍ଲବ ଓ ଯାଜପୁର ଟାଉନ୍‌ର ଇଲେଭେନ୍ ଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ କ୍ଲବ୍‌ର ସଂଯୋଜକ ସୌରାଜ୍ୟ କେତନ ଜେନା ସୂଚନା ଦେଇଛନ୍ତି ।

# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଅଭିଭାଷଣ ପ୍ରଦାନ କରି କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ବାସ୍ତବରେ ଏକ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ । ଏଠାରେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ସେମାନଙ୍କ ସାମଗ୍ରିକ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ । ବର୍ତ୍ତମାନର ସମୟ ହେଉଛି ଜ୍ଞାନର ଯୁଗ । ଏବେ ପ୍ରମାଣପତ୍ର ଅପେକ୍ଷା ଜ୍ଞାନର ଚାହିଦା ଅଧିକ ରହିଛି । କିଏ କେତେ ଜ୍ଞାନ ଆହରଣ କରି ବାସ୍ତବ କ୍ଷେତ୍ରରେ ତାର ବ୍ୟବହାର କରିପାରୁଛି ତା ଉପରେ ବର୍ତ୍ତମାନ ସମସ୍ତେ ଗୁରୁତ୍ୱାରୋପ କରୁଛନ୍ତି । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ହେଉଛି ଦେଶର ଏକମାତ୍ର ଅନୁଷ୍ଠାନ ଯେଉଁଠି ମାନସିକ ଅନଗ୍ରସର ପିଲାମାନଙ୍କୁ ସାଧାରଣ ପିଲାଙ୍କ ସହ ଶିକ୍ଷାଦାନ କରାଯାଉଛି । ସେମାନଙ୍କୁ ମାନସିକସ୍ତରରେ ବିକଶିତ କରିବା ପାଇଁ ଏଠାରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସ୍କୁଲ୍‌ର ଚେୟାରପର୍ସନ୍ ଡ. ମୋନା ଲିସା ବଳ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ପାଠ୍ୟକ୍ରମକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜେ ଶିକ୍ଷାଗ୍ରହଣ କରିବା ସହ ନିଜର ମୂଲ୍ୟାୟନ କରିପାରିବେ । ମୋ ମତରେ ପ୍ରତ୍ୟେକ ଛାତ୍ରଛାତ୍ରୀ ହେଉଛନ୍ତି ପ୍ରତିଭାବାନ । ବର୍ତ୍ତମାନ ଯୋଗାଯୋଗ, ସହଯୋଗ ଓ ସର୍ଜନାର ଯୁଗ ହୋଇଥିବାରୁ ଆମେ ସେହିଭଳି ଭାବେ ଦକ୍ଷ ଭାବେ ପିଲାଙ୍କୁ ଗଢ଼ି ତୋଳୁଛୁ ବୋଲି ସେ କହିଥିଲେ । ସ୍କୁଲ୍‌ର ଅଧକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ । କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସର୍ବଦା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି । ଏହି ସ୍କୁଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିସ୍ୱାର୍ଥପର ସେବା ଓ ସୀମାହୀନ ଶିକ୍ଷା ବୋଲି ଡ. ସୁଆର କହିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର କାରାନାଇର ଇ-ସଂସ୍କରଣକୁ ଶ୍ରୀ ସାମନ୍ତ ଉନ୍ମୋଚନ କରିଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଶେଷ କରି ସେନ ଗ୍ଲୋବର ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ହୋଇଥିଲା ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray